# NATIONAL NEWS BULLETIN (ODIA)
## 5 December - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଅନୁଷ୍ଠିତ ୨୩ତମ ଭାରତ–ରୁଷ୍ ବାର୍ଷିକ ସମ୍ମିଳନୀ ଅବସରରେ ୧୬ଟି ପ୍ରମୁଖ କ୍ଷେତ୍ରରେ ଦ୍ୱିପକ୍ଷୀୟ ରାଜିନାମା ସ୍ୱାକ୍ଷରିତ
- ୨୦୩୦ ସୁଦ୍ଧା ଭାରତ–ରୁଷ୍ ସଂଶୋଧିତ ଦ୍ୱିପକ୍ଷୀୟ ବାଣିଜ୍ୟ କାରବାରକୁ ୧୦୦ ବିଲିୟନ ଡଲାରରେ ପହଁଞ୍ଚାଇବାର ଲକ୍ଷ୍ୟ ରହିଛି ବୋଲି ଯୁଗ୍ମ ବିବୃତିରେ ସମ୍ମତି ପ୍ରଦାନ କଲେ ପ୍ରଧାନମନ୍ତ୍ରୀ ଓ ରୁଷ୍ ରାଷ୍ଟ୍ରପତି
- ଭାରତ ଓ ରୁଷ୍‌ର ଲକ୍ଷ୍ୟ ସମଗ୍ର ମାନବ ଜାତି ପାଇଁ ଉଦ୍ଦିଷ୍ଟ; କହିଲେ ପ୍ରଧାନମନ୍ତ୍ରୀ
- ଇଣ୍ଡିଗୋ ବିମାନଗୁଡ଼ିକର ବାତିଲ ତଥା ବିଳମ୍ବକୁ ନେଇ ଦେଶବ୍ୟାପୀ ଉପୁଜିଥିବା ସ୍ଥିତିର ସମୀକ୍ଷା କରିବା ଲାଗି ଏକ ଚାରିଜଣିଆ କମିଟି ଗଠନ କଲେ ସରକାର

ଏବଂ

- ଏକ ସଶକ୍ତ ଗ୍ରାମୀଣ ଅର୍ଥବ୍ୟବସ୍ଥା ବିନା ବିକଶିତ ଭାରତ ସ୍ୱପ୍ନ ସମ୍ଭବ ନୁହେଁ ବୋଲି; କେନ୍ଦ୍ର ସମବାୟ ମନ୍ତ୍ରୀଙ୍କ ମତବ୍ୟକ୍ତ

# ପିଏମ୍-ପୁଟିନ୍ ଜଏଣ୍ଟ ଷ୍ଟେଟମେଣ୍ଟ

ଭାରତ ଓ ରୁଷ୍ ମଧ୍ୟରେ ଆଜି ପ୍ରତିରକ୍ଷା, ବାଣିଜ୍ୟ, ଅର୍ଥନୀତି, ସ୍ୱାସ୍ଥ୍ୟସେବା, ସଂସ୍କୃତି ଓ ଗଣମାଧ୍ୟମ କ୍ଷେତ୍ରରେ ୧୬ଟି ରାଜିନାମା ସ୍ୱାକ୍ଷରିତ ହୋଇଛି । ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ୨୩ତମ ଭାରତ-ରୁଷ୍ ବାର୍ଷିକ ସମ୍ମିଳନୀ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ସହ ଏକ ଯୁଗ୍ମ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇଛନ୍ତି । ଶ୍ରୀ ମୋଦୀ ଏହି ଅବସରରେ ଆଶାବ୍ୟକ୍ତ କରି କହିଛନ୍ତି, ବୈଶ୍ୱିକ ଆହ୍ୱାନଗୁଡ଼ିକୁ ସଫଳତାର ସହ ମୁକାବିଲା କରିବା ଦିଗରେ ଭାରତ-ରୁଷ୍ ବନ୍ଧୁତ୍ୱ ଶକ୍ତି ଯୋଗାଇବ । ଏହି ବିଶ୍ୱାସ ହିଁ ଉଭୟ ଦେଶର ଭବିଷ୍ୟତକୁ ଅଧିକ ସଶକ୍ତ କରିବାରେ ସହାୟକ ହେବ । ସନ୍ତ୍ରାସବାଦ ବିପକ୍ଷ ଲଢ଼େଇରେ ଦୁଇ ଦେଶ କାନ୍ଧକୁ କାନ୍ଧ ମିଶାଇ ଦୃଢ଼ ଭାବେ ମୁକାବିଲା କରିଛନ୍ତି । ମାନବୀୟ ମୂଲ୍ୟବୋଧ ଉପରେ ସନ୍ତ୍ରାସବାଦ ହେଉଛି ଏକ ପ୍ରତ୍ୟକ୍ଷ ଆକ୍ରମଣ ବୋଲି ଭାରତର ବିଶ୍ୱାସକୁ ଶ୍ରୀ ମୋଦୀ ଦୋହରାଇବା ସହିତ ଏ ଦିଗରେ ବିଶ୍ୱ ଏକତା ହିଁ ସବୁଠାରୁ ବଡ଼ ଶକ୍ତି ବୋଲି ମତବ୍ୟକ୍ତ କରିଛନ୍ତି ।

**V/O- PM-MODI-ON-TERRORISM**

ୟୁକ୍ରେନ୍ ପ୍ରସଙ୍ଗରେ ନିଜର ପ୍ରତିକ୍ରିୟା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରଥମରୁ ହିଁ ଭାରତ ଶାନ୍ତି ସପକ୍ଷରେ ନିଜର ମତ ରଖି ଆସିଛି। ଏହି ସମସ୍ୟାର ସମାଧାନ ଲାଗି ସମସ୍ତ ପ୍ରକାର ଶାନ୍ତିପୂର୍ଣ୍ଣ ପ୍ରୟାସକୁ ଶ୍ରୀ ମୋଦୀ ସ୍ୱାଗତ କରିଛନ୍ତି।

ରୁଷ୍ ନାଗରିକମାନଙ୍କୁ ଏକ ମାଗଣା ୩୦ ଦିନିଆ ଇ-ପର୍ଯ୍ୟଟକ ଭିସା ଏବଂ ୩୦ ଦିନିଆ ଗ୍ରୁପ୍ ପର୍ଯ୍ୟଟକ ଭିସା ପ୍ରଦାନ କରିବାର ପ୍ରକ୍ରିୟା ଭାରତ ଖୁବ୍‌ଶୀଘ୍ର ଆରମ୍ଭ କରିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ସେ କହିଛନ୍ତି, ଆନ୍ତର୍ଜାତିକ ବ୍ୟାଘ୍ର ମେଣ୍ଟରେ ଯୋଗଦେବା ଲାଗି ରୁଷ୍ ଏକ ପ୍ରାଥମିକ ରାଜିନାମା ପ୍ରସ୍ତୁତ କରିବା ଲାଗି ନିଷ୍ପତ୍ତି ନେଇଛି।

ଶ୍ରୀ ମୋଦୀ କହିଛନ୍ତି, ଭାରତ ଓ ରୁଷ୍ ମଧ୍ୟରେ ଦ୍ୱିପକ୍ଷୀୟ ସମ୍ପର୍କ ଯେତେବେଳେ ଅନେକଗୁଡ଼ିଏ ଐତିହାସିକ ମାଇଲଖୁଣ୍ଟ ଅତିକ୍ରମ କରିସାରିଛି ସେହି ସମୟରେ ରାଷ୍ଟ୍ରପତି ପୁଟିନ୍‌ଙ୍କ ଭାରତ ଗସ୍ତ ଅନେକ ଗୁରୁତ୍ୱ ବହନ କରେ। ଗତ ୧୦ ବର୍ଷ ମଧ୍ୟରେ ସମଗ୍ର ବିଶ୍ୱ ଅନେକ ଉତ୍ଥାନ ପତନ ଦେଖିଛି। ତେବେ ସମସ୍ତ ପ୍ରତିକୂଳ ସ୍ଥିତି ମଧ୍ୟରେ ଭାରତ-ରୁଷ୍ ସମ୍ପର୍କ ସର୍ବଦା ସୁଦୃଢ଼ ରହିଆସିଛି ବୋଲି ଶ୍ରୀ ମୋଦୀ କହିଛନ୍ତି। ସେ କହିଛନ୍ତି, ପ୍ରାୟ ୨୫ ବର୍ଷ ତଳେ ରାଷ୍ଟ୍ରପତି ପୁଟିନ୍ ଭାରତ–ରୁଷ୍ ରଣନୈତିକ ଭାଗିଦାରୀର ଭିତ୍ତିଭୂମି ସ୍ଥାପନ କରିଥିଲେ। ୨୦୧୦

ମସିହାରେ ଏହି ଭାଗିଦାରୀକୁ ଏକ ସ୍ୱତନ୍ତ୍ର ତଥା ମର୍ଯ୍ୟାଦାପୂର୍ଣ୍ଣ ରଣନୈତିକ ଭାଗିଦାରୀକୁ ଉନ୍ନୀତ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

୨୦୩୦ ମସିହା ସୁଦ୍ଧା ଭାରତ–ରୁଷ୍ ସଂଶୋଧିତ ଦ୍ୱିପକ୍ଷୀୟ ବାଣିଜ୍ୟ କାରବାରକୁ ୧୦୦ ବିଲିୟନ ଡଲାରରେ  ପହଁଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି। ଏକ ନିରବଚ୍ଛିନ୍ନ ଦ୍ୱିପକ୍ଷୀୟ ବାଣିଜ୍ୟ କାରବାର ବଜାୟ ରଖିବା ଲାଗି ଜାତୀୟ ମୁଦ୍ରା ମାଧ୍ୟମରେ କାରବାର କରିବା ନିମନ୍ତେ ଭାରତ ଓ ରୁଷ୍ ସମ୍ମତି ପ୍ରଦାନ କରିଛନ୍ତି। ସେହିଭଳି ଏହି ସମୟ ସୁଦ୍ଧା ଭାରତ–ରୁଷ୍ ଅର୍ଥନୈତିକ ସହଯୋଗ ଲାଗି ବିଭିନ୍ନ ରଣନୈତିକ କାର୍ଯ୍ୟପନ୍ଥା ଆପଣାଇବାର ପ୍ରକ୍ରିୟାକୁ ଉଭୟ ପକ୍ଷ ସ୍ୱାଗତ କରିଛନ୍ତି।

ରୁଷ୍ ରାଷ୍ଟ୍ରପତି ଏକ ଦୁଇଦିନିଆ ଭାରତ ଗସ୍ତରେ ଆସି ଗତ ରାତିରେ ନୂଆଦିଲ୍ଲୀରେ ପହଁଞ୍ଚିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କୁ ପାଲାମ ବିମାନବନ୍ଦରରେ ସ୍ୱାଗତ ଜଣାଇଥିଲେ। ତେବେ ଆଜି ସକାଳେ ରାଷ୍ଟ୍ରପତି ଭବନରେ ରୁଷ୍ ରାଷ୍ଟ୍ରପତି ପୁଟିନ୍‌ଙ୍କୁ ଆନୁଷ୍ଠାନିକ ସ୍ୱାଗତ କରାଯାଇଛି। ପରେ ସେ ରାଜଘାଟ ଯାଇ ମହାତ୍ମାଗାନ୍ଧୀଙ୍କ ସମାଧି ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ’ ରୁଷ୍ ରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ଏକ ନୈଶ୍ୟଭୋଜିର ଆୟୋଜନ କରିଛନ୍ତି। ଭାରତ ଗସ୍ତ ଶେଷ କରି ଆଜି ରାତିରେ ଶ୍ରୀ ପୁଟିନ୍ ରୁଷ୍ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି।

# ଇଣ୍ଡିଆ ରୁଷିଆ ବିଜିନେସ୍ ଫୋରମ୍

ସରକାରଙ୍କର ବିଭିନ୍ନ ସଂସ୍କାରମୂଳକ ତଥା ରୂପାନ୍ତରୀକରଣ ଭିତ୍ତିକ ନୀତି କାର୍ଯ୍ୟକାରୀ କରାଯିବା ଦ୍ୱାରା ଭାରତ ଖୁବ୍‌ଶୀଘ୍ର ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥ ବ୍ୟବସ୍ଥାରେ ପରିଣତ ହେବା ଦିଗରେ ଅଗ୍ରଗତି ହେଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଭାରତ–ରୁଷ୍ ବ୍ୟବସାୟିକ ଫୋରମ୍‌ରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି। ଶ୍ରୀ ମୋଦୀ ଏହି ଅବସରରେ ଭାରତ ଏବଂ ୟୁରୋସିଆନ୍ ଅର୍ଥନୈତିକ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହେବା ଲାଗି ଆଲୋଚନା ଜାରି ରହିଥିବା ସମ୍ପର୍କରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ବ୍ୟବସାୟ ହେଉ କିମ୍ବା କୂଟନୀତି ସବୁ କ୍ଷେତ୍ରରେ ଭାଗିଦାରୀର ମୂଳଭିତ୍ତି ହେଉଛି ଆପୋଷ ବିଶ୍ୱାସ। ଏହି ବିଶ୍ୱାସ ହିଁ ଭାରତ ଓ ରୁଷ୍ ସମ୍ପର୍କ ମଧ୍ୟରେ ସବୁଠାରୁ ବଡ଼ ଶକ୍ତି। ଏହାଦ୍ୱାରା ଦୁଇ ଦେଶର ମିଳିତ ପ୍ରଚେଷ୍ଟାକୁ ଉଭୟ ଦିଗ ଏବଂ ବେଗ ପ୍ରାପ୍ତ ହେଉଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମତବ୍ୟକ୍ତ କରିଛନ୍ତି। ଭାରତ ଓ ରୁଷ୍‌ର ଲକ୍ଷ୍ୟ କେବଳ ଏହି ଦୁଇ ଦେଶର ଆପୋଷ ସ୍ୱାର୍ଥ ପାଇଁ ନୁହେଁ ବରଂ ସମଗ୍ର ମାନବ ଜାତି ପାଇଁ ଉଦ୍ଦିଷ୍ଟ ବୋଲି ଶ୍ରୀ ମୋଦୀ କହିଛନ୍ତି।

**V/O- PM-BUSINESS-FORUM**

# ନାଇଡୁ– ସିଭିଲ୍ ଆଭିଏସନ୍

ଇଣ୍ଡିଗୋ ବିମାନଗୁଡ଼ିକର ବାତିଲ ଏବଂ ବିଳମ୍ବଜନିତ ଘଟଣାକୁ ନେଇ ଦେଶବ୍ୟାପୀ ଦେଖା ଦେଇଥିବା ଅଭୁତପୂର୍ବ ସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ଲାଗି ବେସାମରିକ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ମନ୍ତ୍ରଣାଳୟର ନିୟନ୍ତ୍ରଣ କକ୍ଷକୁ ନିର୍ଦ୍ଦେଶ ଦେଇଛନ୍ତି। ଆଜି ସକାଳେ ଶ୍ରୀ ନାଇଡୁ ଏହି ନିୟନ୍ତ୍ରଣ କକ୍ଷ ପରିଦର୍ଶନ କରିବା ସହ ଉପୁଜିଥିବା ଅପ୍ରତ୍ୟାଶିତ ସ୍ଥିତିର ସମାଧାନ ଲାଗି ଯାତ୍ରୀମାନଙ୍କୁ ସମୟୋପଯୋଗୀ ସୂଚନା ପ୍ରଦାନ କରିବା ଏବଂ ଏ ଦିଗରେ ନିଆଯାଉଥିବା ଆବଶ୍ୟକ ପଦକ୍ଷେପର କାର୍ଯ୍ୟକାରିତା ସମୀକ୍ଷା କରିଛନ୍ତି।

ଇଣ୍ଡିଗୋ ବିମାନଗୁଡ଼ିକର ବାତିଲ ତଥା ବିଳମ୍ବକୁ ନେଇ ଉପୁଜିଥିବା ସ୍ଥିତିର ସମନ୍ୱିତ ସମୀକ୍ଷା କରିବା ଲାଗି କେନ୍ଦ୍ର ସରକାର ଇତିମଧ୍ୟରେ ଏକ ଚାରିଜଣିଆ କମିଟି ଗଠନ କରିଛନ୍ତି। ୧୫ ଦିନ ମଧ୍ୟରେ ଏ ସମ୍ପର୍କିତ ରିପୋର୍ଟ ଦାଖଲ କରିବା ଲାଗି କମିଟିକୁ କୁହାଯାଇଛି। ବେସାମରିକ ଚଳାଚଳ ନିର୍ଦ୍ଦେଶାଳୟର ମହାନିର୍ଦ୍ଦେଶକଙ୍କ ପକ୍ଷରୁ ଏ ସମ୍ପର୍କରେ ଦିଆଯାଇଥିବା ଏକ ବିବୃତିରେ ଏହି ସୂଚନା ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଏହି କମିଟି ଦେଶବ୍ୟାପୀ ଦେଖା ଦେଇଥିବା ଇଣ୍ଡିଗୋ ବିମାନ ଚଳାଚଳ ବ୍ୟାଘାତର କାରଣ ସମ୍ପର୍କରେ ଅନୁସନ୍ଧାନ କରିବ।

ବିମାନ ଚଳାଚଳ ସ୍ୱାଭାବିକ କରିବା ଦିଗରେ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି କି ନାହିଁ ଏବଂ ଏଥିଲାଗି କିଏ ଉତ୍ତରଦାୟୀ ସେ ସମ୍ପର୍କରେ ଏହି କମିଟି ଅନୁସନ୍ଧାନ କରିବ।

ଅନ୍ୟପକ୍ଷରେ ଇଣ୍ଡିଗୋ ଏୟାରଲାଇନ୍ସ ବିମାନଗୁଡ଼ିକର ସମୂହ ବାତିଲ ପ୍ରସଙ୍ଗ ଆଜି ଅନେକ ସାଂସଦ ଶୂନ୍ୟକାଳରେ ସଂସଦରେ ଉଠାଇଛନ୍ତି। ଏହାର ଉତ୍ତର ରଖି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ଏହି ପ୍ରସଙ୍ଗରେ ସେ ବିଭାଗୀୟ ମନ୍ତ୍ରୀ ଶ୍ରୀ ନାଇଡୁଙ୍କ ସହ କଥାବାର୍ତ୍ତା କରିବା ସହିତ ଏହାର କିପରି ତୁରନ୍ତ ସମାଧାନ କରାଯାଇପାରିବ ସେ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

## ଗୁଜୁରାଟ-ଅମିତ ଶାହା

ଏକ ସଶକ୍ତ ଗ୍ରାମୀଣ ଅର୍ଥବ୍ୟବସ୍ଥା ବିନା ବିକଶିତ ଭାରତ ସ୍ୱପ୍ନ ସମ୍ଭବ ନୁହେଁ ବୋଲି ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି। ଆଜି ଗୁଜୁରାଟର ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିରଠାରେ ଅନୁଷ୍ଠିତ ନାବାର୍ଡ– **IAMAI** ଭୂସମ୍ମିଳନୀ-୨୦୨୫ର ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି। ଶ୍ରୀ ଶାହା କହିଛନ୍ତି, ସମବାୟ କ୍ଷେତ୍ରର ଅଭିବୃଦ୍ଧି ଉପରେ ସରକାର ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିବା ସହିତ ଏହାର ସମ୍ପ୍ରସାରଣ ଲାଗି ଅବିରତ ପ୍ରୟାସ କରୁଛନ୍ତି। ଏହାଦ୍ୱାରା ଉଭୟ ଗ୍ରାମୀଣ ଏବଂ କୃଷି କ୍ଷେତ୍ରର ବିକାଶ ସମ୍ଭବ ହୋଇପାରିବ ବୋଲି

କେନ୍ଦ୍ର ସମବାୟ ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଆଗାମୀ ଦିନରେ ଦେଶର ସାମଗ୍ରୀକ ଘରୋଇ ଉତ୍ପାଦକୁ ସମବାୟ କ୍ଷେତ୍ରର ଅବଦାନକୁ ତିନିଗୁଣା ବୃଦ୍ଧି କରିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ପ୍ରତ୍ୟେକ ପଞ୍ଚାୟତରେ ସମବାୟ ସଂସ୍ଥା ସ୍ଥାପନ କରାଯିବା ସହିତ ଏ ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଶ୍ରୀ ଶାହା କହିଛନ୍ତି।

**V/O- MIT-SHAH--1**

ଖୁବ୍‌ଶୀଘ୍ର ଦେଶବ୍ୟାପୀ ସମବାୟ ଟ୍ୟାକ୍ସି ଓ ସମବାୟ ବୀମାର ଶୁଭାରମ୍ଭ କରାଯିବା ସହିତ ଏବଂ ସମବାୟ ପ୍ରକଳ୍ପଗୁଡ଼ିକ ମଧ୍ୟରେ ସହଯୋଗ ଆରମ୍ଭ କରିବା ଲାଗି ପଦକ୍ଷେପ ନିଆଯିବ ବୋଲି ଶ୍ରୀ ଶାହା କହିଛନ୍ତି। ବିଶ୍ୱ ପରିବର୍ତ୍ତନ ଲାଗି ଗ୍ରାମୀଣ ନବସୃଜନତାକୁ ସଶକ୍ତ କରିବା ସମ୍ପର୍କିତ ବିଷୟବସ୍ତୁ ଉପରେ ଆଧାରିତ ଏହି ସମ୍ମିଳନୀ ଆସନ୍ତାକାଲି ଉଦ୍‌ଯାପିତ ହେବ।

# ଆରଏସ୍‌-ଏମ୍‌ଜି ଏନ୍‌ଆର୍‌ଇଜିଏସ୍‌

ଚଳିତ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ସୁନିଶ୍ଚିତ ଯୋଜନା ଅଧୀନରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ୬୮ ହଜାର ୩୯୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି। କେନ୍ଦ୍ର ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ କମଲେଶ ପାସଓ୍ୱାନ ଆଜି ରାଜ୍ୟସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି। ଶ୍ରୀ

ପାଶଓ୍ୱାନ କହିଛନ୍ତି, ଏହି ଯୋଜନା ଅଧୀନରେ ମଜୁରୀ ବାବଦ ଅର୍ଥ ହିତାଧିକାରୀର ବ୍ୟାଙ୍କ ଆକାଉଣ୍ଟକୁ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ମାଧ୍ୟମରେ ସରକାର ପ୍ରଦାନ କରିଥାନ୍ତି ।